# ଜିଲ୍ଲା ସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ।

## District level Road Safety meeting.

## ରାସ୍ତା ମରାମତିରେ ବିଳମ୍ବ ପାଇଁ ଘଟୁଥିବା ଦୁର୍ଘଟଣା ନିମନ୍ତେ କର୍ତ୍ତୃପକ୍ଷଙ୍କ ନାମରେ ଫୌଜଦାରୀ ମାମଲା ରୁଜୁ ହେବ ।

ରାସ୍ତା ଦୁର୍ଘଟଣାକୁ କିପରି ନିୟନ୍ତ୍ରଣ କରାଯାଇପାରିବ ଓ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା କମାଇବା ସହ ଆହତ ମାନଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବା ସମ୍ପର୍କରେ ଗଠିତ ଜିଲ୍ଲା ସଡକ ସୁରକ୍ଷା କମିଟିର ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଥିବା ବିଭିନ୍ନ ରାସ୍ତାରେ ଘଟିଥିବା ଦୁର୍ଘଟଣାରେ ଗତ ୨୦୧୮ ଜାନୁଆରୀ ୧ ତାରିଖରୁ ଡିସେମ୍ବର ୩୧ ତାରିଖ ମଧ୍ୟରେ ସମୁଦାୟ ୪୬୦ଟି ଦୁର୍ଘଟଣା ଘଟି ୪୪୨ ଜଣ ଆହତ ହୋଇଥିବା ବେଳେ ୨୧୫ ଜଣ ମୃତ୍ୟୁବରଣ କରିଥିବାବେଳେ ଚଳିତ ବର୍ଷ ଜାନୁୟାରୀ ୧ ତାରିଖରୁ ଜୁଲାଇ ମାସ ୩୧ ତାରିଖ ମଧ୍ୟରେ ୨୩୨ଟି ଦୁର୍ଘଟଣା ଘଟି ୧୮୨ ଜଣ ଆହତ ଓ ୧୧୬ ଜଣ ମୃତ୍ୟୁବରଣ କରିଛନ୍ତି ବୋଲି ବୈଠକରେ ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଧନଂଜୟ ସେନାପତି ସୂଚନା ପ୍ରଦାନ କରିଥିଲେ । ଜାତୀୟ ରାଜପଥ ୫୫ର ରନ୍ତଲେଇ ଠାରୁ ବଅଁରପାଳ ପର୍ଯ୍ୟନ୍ତ ରାସ୍ତାରେ ଅଧିକାଂଶ ଦୁର୍ଘଟଣା ଘଟୁଛି । ଗତମାସ ବୈଠକର ନିଷ୍ପତ୍ତି ଅନୁଯାୟୀ ଉଭୟ ଜାତୀୟ ରାଜପଥ ପ୍ରାଧିକରଣ ଓ ଗାୟତ୍ରୀ କନଷ୍ଟ୍ରକସନ ରାସ୍ତାର ଉଭୟ ପାର୍ଶ୍ୱରେ ମରାମତି ନ କରିବାରୁ ଗାଡି ପାର୍କିଂ ନ ହୋଇ ବାରମ୍ବାର ଦୁର୍ଘଟଣା ଘଟୁଛି । ଏହାଛଡା ଅନୁଗୋଳ ସହରସ୍ଥିତ ହୁଲୁରୁସିଂଗା ଛକରେ ସୃଷ୍ଟି ହୋଇଥିବା ଗର୍ତ୍ତଗୁଡିକୁ ମରାମତି ନ କରିବାକୁ ନେଇ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ । ଜାତୀୟ ରାଜପଥ ୫୫ର ରାସ୍ତାର ଉଭୟ

ପାର୍ଶ୍ୱରେ ଦେଢ ମିଟର ମୋରମ ପକାଇ ରୋଲର ସାହାଯ୍ୟରେ ଏହାକୁ ସମତଳ କରିବାକୁ ପରାମର୍ଶ ଦିଆଯାଇଛି । ବାରମ୍ବାର ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାସ୍ତାର ଏହି ଦୁରବସ୍ଥା ପ୍ରତି ସଠିକ୍ ଭାବେ ଧ୍ୟାନ ଦେଉନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଜାତୀୟ ରାଜପଥ ଓ ଏହାର ଶାଖା ରାସ୍ତା ଗୁଡିକରେ ହମ୍ପସ୍ ବଦଳରେ ରମ୍ବଲର୍ସ ପ୍ରତିଷ୍ଠା କରିବା ସହ ସାଂକେତିକ ଚିହ୍ନ ଓ ରାସ୍ତା ମଝିରେ ଧଳା ଟାଙ୍କ୍ ପ୍ରତିଷ୍ଠା କାର୍ଯ୍ୟ ବର୍ତ୍ତମାନ ସୁଧା ହୋଇନଥିବାରୁ ଜିଲ୍ଲାପାଳ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଉଭୟ ଜାତୀୟ ରାଜପଥ ପ୍ରାଧିକରଣର କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଛନ୍ତି । ସେପ୍‌ଟେମ୍ବର ୧୧ ତାରିଖ ସୁଦ୍ଧା ଏହି କାର୍ଯ୍ୟକୁ ସମ୍ପନ୍ନ କରିବାକୁ ଉଭୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି । ଦ୍ରୁତ ଗତିରେ ଗାଡି ଓ ମଦ୍ୟପାନ କରି ଗାଡି ଚଲାଇବା ତଥା ଗାଡି ଚାଳନା ସମୟରେ ମୋବାଇଲରେ କଥା ହେବା ସହ ହେଲମେଟ ବ୍ୟବହାର ନ କରୁଥିବା ଚାଳକମାନଙ୍କ ଲାଇସେନ୍ସ ରଦ୍ଦ କରିବା ସହ ଏହି କାର୍ଯ୍ୟକୁ ନିୟମିତ କଡାକଡି ଭାବେ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଅନୁଗୋଳରୁ ସମ୍ବଲପୁର ପର୍ଯ୍ୟନ୍ତ ୧୨୩ କି.ମି ରାସ୍ତା ମଧ୍ୟରେ ୯ଟି ବ୍ଲାକ୍ ସ୍ପଟ୍ ଓ ଅନୁଗୋଳରୁ ଢେଙ୍କାନାଳ ପର୍ଯ୍ୟନ୍ତ ୬୧ କି.ମି ରାସ୍ତା ମଧ୍ୟରେ ୧୦ଟି ବ୍ଲାକ୍ ସ୍ପଟ୍ ଚିହ୍ନଟ କରାଯାଇ ସାଂକେତିକ ଚିହ୍ନ ଓ ରମ୍ବଲର୍ସ ପ୍ରତିଷ୍ଠା କରାଯାଇଛି ବୋଲି ଉଭୟ ଜାତୀୟ ରାଜପଥର କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ । ଏହାଛଡା ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ଉଭୟ ରାସ୍ତାର ଦୁର୍ଘଟଣା ପ୍ରବଣ ଅଂଚଳ

ଗୁଡିକୁ ଚିହ୍ନଟ କରିବା ସହ ରାସ୍ତା ମରାମତି କାର୍ଯ୍ୟକୁ ଅନୁଧ୍ୟାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କାରଗିଲ ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାକୁ ତୁରନ୍ତ ମରାମତି କରିବା ସହ ଜବର ଦଖଲ ଉଚ୍ଛେଦ ହୋଇଥିବା ନାଲ୍‌କୋ ସି ପି ପି ଛକରେ ପୁର୍ନବାର କିଛି ବ୍ୟକ୍ତି ବେଆଇନ୍ ଭାବେ ଘର କରିଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି ବୋଲି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ତୁରନ୍ତ ତହସିଲଦାର ଉକ୍ତ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରିବାକୁ ପରାମର୍ଶ ଦିଆଯାଇଛି । ଟ୍ରକ୍ ଟର୍ମିନାଲ ପାଇଁ ଶାବଳଙ୍ଗା,ଗାଡିର ଫିଟ୍‌ନେସ୍ ସେଣ୍ଟର ପ୍ରତିଷ୍ଠା ନିମନ୍ତେ ରନ୍ତଲେଇ ଓ ହେଭି ଡ୍ରାଇଭିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ଶରଧାପୁର ଠାରେ କରିବା ନିମନ୍ତେ ଆବଶ୍ୟକ ଯାଗା ତୁରନ୍ତ ଚିହ୍ନଟ କରିବାକୁ ତହସିଲଦାରଙ୍କୁ ପରାମର୍ଶ ଦିଆଯାଇଛି । ରାସ୍ତା ମରାମତିରେ ଖିଲାପ କରି ଦୁର୍ଘଟଣାର କାରଣ ହୋଇଥିବା ସମ୍ପୃକ୍ତ ଅନୁଷ୍ଠାନ ବିରୁଦ୍ଧରେ ଫୌଜଦାରୀ ମାମଲା କରାଯିବ ବୋଲି ବୈଠକରେ ଉପସ୍ଥିତ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ମତବ୍ୟକ୍ତ କରିଥିଲେ । ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ବସନ୍ତ କୁମାର ପ୍ରଧାନ, ତାଳଚେର ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ସମରେନ୍ଦ୍ର ପଟ୍ଟନାୟକ, ଜିଲ୍ଲା ଓ ରାଜ୍ୟ ଟ୍ରକ ମାଲିକ ସଂଘର ସଭାପତି ଶ୍ରୀ ବିଭୁତି ଭୂଷଣ ଦାସ, ସମୟ ସମ୍ବାଦପତ୍ରର ଅଧିସ୍ୱିକୃତ ସାମ୍ବାଦିକ ଶ୍ରୀ ସଂଗ୍ରାମ ରଂଜନ ଦାସ, ସମ୍ବଲପୁର ଜାତୀୟ ରାଜପଥ ପ୍ରାଧିକରଣର ଜି ଏମ୍ ଶ୍ରୀ ଆର ଭେଙ୍କଟେଶ୍ୱର ଓ ଢେଙ୍କାନାଳ ଜାତୀୟ ରାଜପଥ ପ୍ରାଧିକରଣର ଜି ଏମ୍ ଶ୍ରୀ ପି କେ ଭାରତୀ ଓ ସ୍ୱେଛାସେବୀ, ଶ୍ରୀ କଲ୍ୟାଣ କିଶୋର ମହାନ୍ତି,ଗାୟତ୍ରୀ କନ୍‌ଷ୍ଟ୍ରକସନର ଶ୍ରୀ ସୁରେଶ ପ୍ରସାଦ ପାଢୀ, ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ଶୁଭେନ୍ଦୁ କୁମାର ଜେନାଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ ।




Succession List Of
District Magistrate & Collectors
Angul(Odisha)
NAME
PERIOD